## ସଂକ୍ଷେପରେ

### ଷ୍ଟେଶନରୁ ୧୫ କେଜି ଗଞ୍ଜେଇ ଜବତ, ୨ ଗିରଫ



ରାୟଗଡ଼ା, ୧୩।୩ ରଞ୍ଜନ ପଣ୍ଡା)

ଛତିଶଗଡ ରାୟପୁରକୁ ଗଞ୍ଜେଇ ଚାଲାଣ ପାଇଁ ଉଦ୍ୟମବେଳେ ରାୟଗଡା ରେଳ ଷ୍ଟେଶନରୁ ଜିଆରପି ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୧୫ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା କୋଟଗଡ ଅଞ୍ଚଳର ଭଜରାମ ବଳିଆରସିଂ ଓ ରାୟଗଡା ଜିଲା ମୁନିଗୁଡା ବ୍ଲକ ପାତ୍ରଗୁଡା ଅଞ୍ଚଳର ଲକ୍ଷଣ ବାଗ। ଏହି ଗଞ୍ଜେଇ ରାୟଗଡା ଜିଲାରୁ ଛତିଶଗଡ ରାୟପୁର ଚାଲାଣ ହେଉଥିବା ପୋଲିସ କହିଛି।

ଜିଆରପି ଡିଏସ୍‌ପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ବିନୟ ପ୍ରସାଦ ମିଞ୍ଜଙ୍କ ନେତୃତ୍ୱରେ ଏସ୍‌ଆଇ ସନ୍ତୋଷ ପରିଡା, ଏଏସ୍‌ଆଇ ମାଣିକ ଚନ୍ଦ୍ର ଗୌଡ, ଜଗଦିଶ ମହାନନ୍ଦ ପ୍ରମୁଖ ପ୍ଲାଟଫର୍ମ ନଂ-୫ରେ ପାଟ୍ରୋଲିଂ କରୁଥିଲେ। ଅଭିଯୁକ୍ତମାନେ ବିଶାଖାପାଟଣା ରାୟପୁର ପାସେଞ୍ଜର ଟ୍ରେନ ଯୋଗେ ଯାତ୍ରା କରିବା ପାଇଁ ରାତିରେ ରାୟଗଡା ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିଲେ। ଅଭିଯୁକ୍ତଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜାଣିବାକୁ ପାଇବା ପରେ ଥାନାରେ ୨ ଯୁବକଙ୍କୁ ଅଟକ ରଖାଯାଇ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

### ତମାଖୁମୁକ୍ତ ସମାଜ ଗଠନ ପାଇଁ ସଚେତନତା



ଗୁଡାରି, ୧୩।୩ (ପ୍ରମୋଦ କୁମାର ପତି)

ଗୁଡାରି ବିଜ୍ଞାନ ଡିଗ୍ରୀ କଲେଜ ପରିସରରେ ତମାଖୁମୁକ୍ତ ସମାଜ ଗଠନ ନିମନ୍ତେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଧିକାରୀ ସ୍ୱାଗତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିଓ ଟୋଟା ତ୍ରିପତି ରାଓ, ସିଏଚ୍‌ଓ ଜ୍ୟୋସ୍ନା ମହାନନ୍ଦିଆ, ପିଏଚ୍‌ଇଓ ରଶ୍ମିତା ମହାଙ୍କୁଡ, ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟତଃ ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ର ଯେପରି ନିଶାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ସ୍ୱାସ୍ଥ୍ୟ କର୍ମଚାରୀ ପରାମର୍ଶ ଦେଇଥିଲେ। ସେହିପରି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତ ଦ୍ରବ୍ୟ ବିକ୍ରି ନ କରିବା ଏବଂ ଶିକ୍ଷାନୁଷ୍ଠାନ ପରିସରରେ ତମାଖୁଜାତ ଦ୍ରବ୍ୟ ସେବନ ନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାଛଡ଼ା ଏହି ବାର୍ତ୍ତାକୁ ନିଜ ପରିବାର ଓ ଗ୍ରାମରେ ବହୁଳ ଭାବେ ପ୍ରଚାର କରିବା ପାଇଁ କୁହାଯାଇଛି। କଲେଜ ଅଧକ୍ଷ ଅମୁଲ୍ୟ କୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲାଭାନ୍ୱିତ ହେଲେ ଜିଲାର ୪୭, ୮୫୯ ହିତାଧିକାରୀ

## ଜିଲାସ୍ତରୀୟ ପିଏମ୍ କିଷାନ ଉତ୍ସବ

ରାୟଗଡ଼ା, ୧୩।୩(ଆଶିଷ ରଞ୍ଜନ ପଣ୍ଡା)



ପିଏମ୍ କିଷାନ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଅସାମ ରାଜ୍ୟ ଗୌହାଟୀରୁ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତି ଟଙ୍କା ଚାଷୀଙ୍କ ଖାତାକୁ ପଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡ଼ାଠାରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀମାନେ ପ୍ରଧାନମନ୍ତ୍ରୀଙ୍କ ଭାଷଣର ସିଧାପ୍ରସାରଣ ଦେଖିଥିଲେ। ଏହି ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ୨ହଜାର ଟଙ୍କା ଲେଖାଁଏ ୬ ହଜାର ଟଙ୍କା ପ୍ରତି ୪ମାସ ବ୍ୟବଧାନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ଜଲାର ବିଭିନ୍ନ ବ୍ଲକ୍‌ରୁ ୧୦୦ଜଣ ପିଏମ୍ କିଷାନ ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲାର ସର୍ବମୋଟ ୪୭,୮୫୯ଜଣ ପିଏମ କିଷାନ ହିତାଧିକାରୀ ଉପକୃତ ହୋଇଛନ୍ତି। ଏଥିରେ ବିଷମକଟକ ବ୍ଲକରୁ ୩୯୧୨ଜଣ, ଚନ୍ଦ୍ରପୁରରୁ ୨୫୧୧ଜଣ, ଗୁଡାରିରୁ ୩୬୫୧ଜଣ, ଗୁଣପୁରରୁ ୪୪୭୭ଜଣ ଚାଷୀଙ୍କ ଖାତାରେ ଟଙ୍କା ଜମା ହୋଇଛି। ସେହିପରି କଲ୍ୟାଣସଂହପୁର ବ୍ଲକରୁ ୪୦୮୧ଜଣ, କାଶୀପୁର ବ୍ଲକରୁ ସର୍ବାଧିକ ୭୬୪୯ଜଣ, କୋଲନରାରୁ ୪୩୨୧ଜଣ, ମୁନିଗୁଡା ୪୫୪୯ଜଣ ଏବଂ ପଦ୍ମପୁର ବ୍ଲକରୁ ୩୬୯୯ଜଣ, ରାମନାଗୁଡାରୁ ୩୦୧୬ ଓ ରାୟଗଡା ବ୍ଲକରୁ ୫୯୯୩ଜଣ ହିତାଧିକାରୀ ରହିଛନ୍ତି।

# ରମେଶ ସଭାପତି, ସମ୍ପାଦକ ସୁରେଶ, କୋଷାଧକ୍ଷ ଲକ୍ଷ୍ମୀ ନାରାୟଣ ନିର୍ବାଚିତ

## ଗୁଣପୁର ଓକିଲ ସଂଘର ନିର୍ବାଚନ



ରମେଶ ଲିମା



ସୁରଜ ପାତ୍ର



ଲକ୍ଷ୍ମୀ ମହାଙ୍କୁଡ

ଗୁଣପୁର, ୧୩। ୩ (ସୁଜାତା ପାଢୀ)

ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ବିଭିନ୍ନ ପଦ ପଦବୀ ପାଇଁ ଆସନ୍ତା ୨୮ ତାରିଖରେ ନିର୍ବାଚନ ଧାର୍ଯ୍ୟ ହୋଇଥିଲା। ହେଲେ ଗୌରୀ ଶଙ୍କର ଦାସ ଶୁକ୍ରବାର ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିବାରୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରମେଶ ଲିମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଚନ୍ଦ୍ର ଶେଖର ଧୂଳି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସମ୍ପାଦକ ସୁରଜ ପାତ୍ର ଏବଂ କୋଷାଧକ୍ଷ ପାଇଁ ଲକ୍ଷ୍ମୀ ନାରାୟଣ ମହାଙ୍କୁଡ ଏପରି ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଫଳରେ ସେମାନେ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସଭାପତି ପାଇଁ ୨ ଜଣ ନାମାଙ୍କନପତ୍ର ଦାଖଲ କରିଥିବାରୁ ୨୮ ତାରିଖରେ କେବଳ ସଭାପତି ପଦ ପାଇଁ ନିର୍ବାଚନ ହେବାର ଥିଲା। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଥିବାବେଳେ ଗୌରୀ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିନେବାରୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରମେଶ ଲିମା ନିର୍ବାଚିତ ହୋଇଛନ୍ତି।

# ସ୍ଥାନୀୟ ଯୁବତୀଙ୍କୁ ଅଙ୍ଗନୱାଡି କର୍ମୀ ନିଯୁକ୍ତି ଦାବିକଲେ ଡଙ୍ଗରିଆ



ଦାବିପତ୍ର ଦେବାକୁ ଆସିଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ।

## ଉପଜିଲାପାଳଙ୍କୁ ଦାବିପତ୍ର ଦେଲେ ଲାକପଦର ଗ୍ରାମବାସୀ

ରାୟଗଡ଼ା, ୧୩।୩(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ଯୁବତୀଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଁ ଦାବି କରିଛନ୍ତି ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଅର୍ନ୍ତଗତ ନିୟମଗିରି ପାହାଡ଼ରେ ବସବାସ କରୁଥିବା ଡଙ୍ଗରିଆମାନେ। ପାରସାଲି ପଞ୍ଚାୟତ ଲାକପଦର ଗ୍ରାମର ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ଲୋକେ ଶୁକ୍ରବାର ରାୟଗଡ଼ା ଉପଜିଲାପାଳ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ସହକାରୀ ଜିଲାପାଳ ପ୍ରଫୁଲ କୁମାର ବେହେରା ଗ୍ରହଣ କରି ଏ ନେଇ ଉପଜିଲପାଳଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଗ୍ରାମବାସୀଙ୍କ କହିବାନୁସାରେ, ଲାକପଦର ଗାଁରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ନେଇ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚୟନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ଗାଁର ମହିଳା ବାସନ୍ତୀ ମାଝୀଙ୍କୁ ହିଁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ମିଳିଲେ ସେ ଗର୍ଭବତୀ ଓ ଶିଶୁମାନଙ୍କ ଯତ୍ନ ନେଇପାରିବେ। ଲାଖପଦର ଏକ ଦୁର୍ଗମ ଗାଁ ହୋଇଥିବା ବେଳେ ବାହାର ଗାଁର ମହିଳାଙ୍କୁ ନିଯୁକ୍ତି ମିଳିଲେ ସେ ନିୟମିତ ଭାବେ ସେବା ଯୋଗାଇପାରିବେ ନାହିଁ ବୋଲି ଗ୍ରାମର ଲଦ ଶିକକା ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି। ତେଣୁ ନିଜ ଗାଁର ଶିକ୍ଷିତ ମହିଳାଙ୍କୁ ହିଁ ନିୟମଗିରି ପାହାଡ଼ ଅଞ୍ଚଳରେ ନିଯୁକ୍ତି ଦିଆଯାଉ ବୋଲି ନିୟମଗିରି ସୁରକ୍ଷା ସମିତି ଦାବି କରିଛି। ଅନ୍ୟପଟେ ସରକାରୀ ନିୟମ ଅନୁଯାୟୀ ଚୟନ ପ୍ରକ୍ରିୟା କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସହକାରୀ ଜିଲାପାଳ ବେହେରା ସୂଚନା ଦେଇଛନ୍ତି।

### ବଡ଼ ନାଇକଗୁଡ଼ା ଗାଁରେ ପାନୀୟ ଜଳ ସମସ୍ୟାର ସମାଧାନ ହେଲା

କଲ୍ୟାଣସିଂହପୁର, ୧୩।୩ (ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ବଡ଼ ନାଇକଗୁଡା ଗାଁରେ ସରକାରଙ୍କ ପକ୍ଷରୁ ଏକ ସୌରଚାଳିତ ଜଳ ପ୍ରକଳ୍ପ ସ୍ଥାପନ ଯୋଗୁ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ହୋଇଛି। ଏ ନେଇ ଗ୍ରାମବାସୀ ଖୁସି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମାଝୀଗୁଡା ମଣ୍ଡଳ ସଭାପତି ଅନୀଲ କୁମାର ଜାଡିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ବଡ଼ନାୟକ ଗୁଡା ଗ୍ରାମବାସୀ ଦୀର୍ଘ ଦିନର ଜଳାଭାବ ସମସ୍ୟାର ସମାଧାନ ପାଇଁ ମାଝୀଗୁଡା ମଣ୍ଡଳ ସଭାପତି ଜାଡିଙ୍କୁ ଅନୁରୋଧ କରିଥିଲେ। ଅନୀଲ କଲ୍ୟାଣସିଂହପୁର ବିଡିଓ ମନୀଷା ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗାଁରେ ଏକ ସୌରଚାଳିତ ପ୍ରକଳ୍ପ ସ୍ଥାପନ କରିଛନ୍ତି। ସମସ୍ୟା ସମାଧାନ ହେବା ପରେ ଗ୍ରାମର ଲାସୁ ପ୍ରାସ୍କ, ମଦନ ପ୍ରାସ୍କ, ଗୋପୀ ପ୍ରାସ୍କ, ପୂତନ ପ୍ରାସ୍କ ଏବଂ ରାମଦାସ ପ୍ରାସ୍କ ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି।

# ୨୯ରେ ମା' ମଝିଘରିଆଣୀଙ୍କ ଚୈତ୍ର ଯାତ୍ରା



ଚୈତ୍ର ଯାତ୍ରା ନିମନ୍ତେ ମନ୍ଦିର ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ରାୟଗଡ଼ା, ୧୩।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ର ପର୍ବ ମାର୍ଚ୍ଚ ୨୯ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶୁକ୍ରବାର ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚୈତ୍ର ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ୨୯ରେ ମାଙ୍କ ପାଦ ଉଠାଣ ଓ ଘଟ ସ୍ଥାପନ ସହ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା ଇତ୍ୟାଦି ଅନୁଷ୍ଠିତ ହେବ। ୩୦ରୁ ୨ ତାରିଖ ଯାଏଁ ପ୍ରତିଦିନ ମା'ଙ୍କ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ମୁଖ୍ୟ ଦେବୀଙ୍କ ମହାସ୍ନାନ, ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବ। ୨ ତାରିଖରେ ମାଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ, ପୂଜକଙ୍କ କଣ୍ଟାଦୋଳି ଝୁଲଣ ଏବଂ ଅଗ୍ନି ଗମନାଗମନ କାର୍ଯ୍ୟକ୍ରମ ରହିଛି। ମନ୍ଦିରର ପୂଜକ ଚନ୍ଦ୍ର ପୂଜାରୀ, ରାଜ ପୁରୋହିତ ବିରଞ୍ଚି ଦାଶଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧକ୍ଷ ରାଇସିଂ ବିଡିକି, ଟ୍ରଷ୍ଟି ସଦସ୍ୟ ଇପିଲି ରାଜୁ, ପି.ବାସୁ, ଦେବ ବେହେରା, ବାବୁ ଦଳେଇ, ଶ୍ରୀନିବାସ ରାଓ, ମାଙ୍ଗା ହୁଇକା, ଅଫିସ ସୁପରିନଟେଣ୍ଡେଟ ଜାନକୀ ବଲ୍ଲଭ ମହାନ୍ତି, ଭେଙ୍କେଟ ରାଓ ପ୍ରମୁଖ ଶୁଭଖୁଣ୍ଟି ସ୍ଥାପନ ସମୟରେ ଉପସ୍ଥିତ ଥିଲେ।

# ହୁଣ୍ଡିରୁ ମିଳିଲା ୪୪,୧୧୦ ଟଙ୍କା

## କଲ୍ୟାଣସିଂହପୁର ଜଗନ୍ନାଥ ମନ୍ଦିର

କଲ୍ୟାଣସିଂହପୁର, ୧୩।୩ (ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁରସ୍ଥିତ ଜଗନ୍ନାଥ ମନ୍ଦିରର ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣନା କରାଯାଇଛି। ତହସିଲଦାର ରଞ୍ଜନ କୁମାର ମନସେଠ ଉପସ୍ଥିତିରେ ମନ୍ଦିରର ହୁଣ୍ଡି ଖୋଲି ଗଣନା କରାଯାଇଥିଲା। ଗଣନା ପରେ ସମୁଦାୟ ୪୪,୧୧୦ ଟଙ୍କା ମିଳିଥିବା ଜଣାପଡ଼ିଛି। ପ୍ରତି ୬ ମାସକୁ ଥରେ ମନ୍ଦିରର ହୁଣ୍ଡି ଖୋଲାଯାଇ ଟଙ୍କା ଗଣନା କରାଯାଇଥାଏ ବୋଲି ସୂଚନା ରହିଛି। ଏହି ଛଅ ମାସ ଅବଧିରେ ସଂଗ୍ରହ ହୋଇଥିବା ଏହି ରାଶିକୁ ମନ୍ଦିର କମିଟି ନାମରେ ବ୍ୟାଙ୍କରେ ଜମା କରାଯାଇଥିବା ସୂଚନା ମିଳିଛି। ଟଙ୍କା ଗଣନା ସମୟରେ ସରପଞ୍ଚ ଗୌତମ ବାର୍ଲି, ସଭାପତି ନରସିଂହ ପାଢ଼ୀ, ସମ୍ପାଦକ ୱାରାଣସି ସୁରିୟା ପ୍ରକାଶ ରାଓ, ରାଜସ୍ୱ ନିରୀକ୍ଷକ ଗୌରୀ ଶଙ୍କର କାଣ୍ଡାଗୋରି, ଗଙ୍ଗା ଚୌଧୁରୀ, ଏଏସ୍‌ଆଇ ଦିଲ୍ଲୀପ କୁମାର ମାଝୀ, ବରିଷ୍ଠ କଂଗ୍ରେସ ନେତା ଗୁଡଲ୍ଲା ପ୍ରସାଦ ରାଓ ଓ ଏକ୍ସ ନାଏବ ସରପଞ୍ଚ, ପାଲକୁଣ୍ଡା ରାମୁଲୁ, ଜି.ରମେଶ, ଜି.ସୁବାଷ ପ୍ରମୁଖ ସହଯୋଗ କରିଥିଲେ।



ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣନା କରାଯାଉଛି।

### ସମନ୍ୱିତ କୃଷି ପ୍ରଣାଳୀରେ ଚାଷ ପାଇଁ ପ୍ରଶିକ୍ଷଣ

ଗୁଣପୁର, ୧୩।୩ (ସଂକେତ ପାତ୍ର)

ଗୁଣପୁର ମାଟି ସଂରକ୍ଷଣ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଚାଷ ପାଇଁ ଶୁକ୍ରବାର ଦିନିଆକିଆ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାସ୍ତରରୁ ସହାୟକ ମାଟି ସଂରକ୍ଷଣ ଅଧିକାରୀ ଯୋଗଦେଇଥିଲେ। ପ୍ରଶିକ୍ଷଣରେ କୃଷି ଓ ପଶୁପାଳନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମନ୍ୱିତ କୃଷି ପ୍ରଣାଳୀର ଗୁରୁତ୍ୱ, ଏହାର ଲାଭ ଓ କୃଷକଙ୍କ ଆର୍ଥିକ ଉନ୍ନତି ସହ ସ୍ଥାୟୀ ଚାଷ ପାଇଁ ଏହା କିପରି ଉପକାରୀ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସହାୟକ କୃଷି ଅଧିକାରୀ, ସହାୟକ ଉଦ୍ୟାନ କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ସହାୟକ ବନ ଅଧିକାରୀ ଓ ସହାୟକ ମାଟି ସଂରକ୍ଷଣ ଅଧିକାରୀଙ୍କ ସହ ମାଟି ସଂରକ୍ଷଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଗୁଣପୁର ଏଏସ୍‌ପିଓ ଡ଼ା. ସୁପ୍ରଭା ରଥ ସମନ୍ୱିତ କୃଷି ପ୍ରଣାଳୀର ଗୁରୁତ୍ୱ ବିଷୟରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କୃଷକ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

# ସୂଚନା ଅଧିକାର ଅଧିନିୟମ ଉପରେ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି।

ରାୟଗଡା, ୧୩।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାସ୍ତରୀୟ ସୂଚନା ଅଧିକାର ଆଇନ- ୨୦୦୫ ଅଧିନିୟମ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଧିନିୟମ ଅନ୍ତର୍ଗତ ଜିଲାର ଅପିଲ କର୍ତ୍ତୃପକ୍ଷ, ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମାଷ୍ଟର ଟ୍ରେନର ହର୍ଷ ପରିଚ୍ଛା ଯୋଗଦେଇ ସୂଚନା ଅଧିକାର ଆବଶ୍ୟକତା ଓ ଏହାର ବ୍ୟବହାର ଉପରେ ବୁଝାଇଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ ଯୋଗଦେଇ ସୂଚନା ଅଧିକାର ଆଇନର ବୈଶିଷ୍ଟ୍ୟତା ଉପରେ ଜଣାଇଥିଲେ। ଅତିରିକ୍ତ ବିଡିଓ କାଳୁଚରଣ ନାୟକ ଏବଂ ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି ସୂଚନା ଅଧିକାର ଆଇନ ଅନ୍ତର୍ଗତ ସ୍ୱେଚ୍ଛାକୃତ ଘୋଷଣା ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ସଂସାଧକମାନଙ୍କ ସହିତ ସୂଚନା ଅଧିକାର ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ।

### ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଦାବି



ଗୁଣପୁର, ୧୩।୩ (ସୁଜାତା ପାଢ଼ୀ/ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ସିରିଝୋଲି ପଞ୍ଚାୟତର ସାନ ଆମ୍ବଗୁଡା କଲୋନୀକୁ ବିଦ୍ୟୁତ୍ ସେବା ଯୋଗଇ ଦେବାକୁ ଦାବିକରି ଉପ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ବିପିନ ନାୟକଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସାନ ଆମ୍ବଗୁଡା କଲୋନୀରେ ବିଦ୍ୟୁତ୍ ସୁବିଧା ନ ଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ଅନେକଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି।

# ବନ୍ଧୁକ ମୁନରେ ଲୁଟି ନେଲେ ସୁନାଗହଣା, ଟଙ୍କା

## ପୂର୍ତ୍ତ ବିଭାଗ କର୍ମଚାରୀଙ୍କଠାରୁ ଲୁଟ୍

ରାୟଗଡ଼ା, ୧୩।୩(ଆଶିଷ ରଞ୍ଜନ ପଣ୍ଡା)



ବସନ୍ତ କୁମାର ମିଶ୍ର

ରାୟଗଡ଼ା ସହର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ରହୁଥିବା ପୂର୍ତ୍ତ ବିଭାଗ କର୍ମଚାରୀ ବସନ୍ତ କୁମାର ମିଶ୍ରଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଲୁଟେରାମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଲୁଟି ନେବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ବସନ୍ତଙ୍କ ସୂଚନା ମୁତାବକ, ଗୁରୁବାର ରାତି ୧୧ଟାରେ ତାଙ୍କ ଘର ସମ୍ମୁଖରେ ଜଣେ ଯୁବତୀ ବସିଥିଲେ। ବସନ୍ତ କବାଟ ଖୋଲି କାହିଁକି ବସିଛି ବୋଲି ତାଙ୍କୁ ପଚାରିବା ସମୟରେ ପ୍ରାୟ ୫ ଜଣ ଯୁବକ ବସନ୍ତଙ୍କୁ ଧକ୍କା ଦେଇ ଘର ଭିତରକୁ ପଶିଯାଇଥିଲେ। ପରେ ଦୁର୍ବୃତ୍ତମାନେ ବସନ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହନିର୍ଘୃମ ମାଡ ମାରିଥିଲେ। ରାତି ୧୧ରୁ ଭୋର ୫ଟା ଯାଏଁ ସେମାନେ ତାଣ୍ଡବଲୀଳା ରଚିଥିଲେ। ଏହି ସମୟରେ ବସନ୍ତଙ୍କ ଫୋନରୁ ଦୁର୍ବୃତ୍ତମାନେ ୧୧ ହଜାର ଟଙ୍କା ଟ୍ରାନ୍ସଫର କରିବା ସହ ଘରେ ଥିବା ଗୋଟିଏ ସୁନା ଚେନ, ୩ଟି ମୁଦି ଲୁଟ କରିଥିଲେ। ଘରେ ଆଉ କଣ ଅଛି ବୋଲି ପଚାରିବା ସହ ନିସ୍ତୁକ ମାଡ ମାରିବାରୁ ପ୍ରାଣ ବିକଳରେ ବସନ୍ତଙ୍କ ପାଖରେ ଥିବା ବ୍ୟାଙ୍କର ଏକ ଫିକ୍ସ ଡିପୋଜିଟ ମଧ୍ୟ ଦେଇଥିଲେ। ଭୋର ୫ଟାରେ ଦୁର୍ବୃତ୍ତମାନେ ଯିବା ସମୟରେ ବସନ୍ତଙ୍କ ବାଇକ୍, ଟିଭି, ଗ୍ରାଇଣ୍ଡର, ଗ୍ୟାସ ଚୁଲା, ଗ୍ୟାସ ସିଲିଣ୍ଡର, ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ନେଇଯାଇଥିଲେ। ସକାଳୁ ଘଟଣା ସମ୍ପର୍କରେ ବସନ୍ତଙ୍କ ପଡୋଶୀ ଜାଣିବା ପରେ ପୋଲିସକୁ ସୂଚନା ଦେବା ସହ ବସନ୍ତଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରେ ରାୟଗଡା ପୋଲିସର ଏକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବସନ୍ତ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମିଳୁନି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର, ବ୍ୟବସାୟ ବାଧାପ୍ରାପ୍ତ

ବିଷମକଟକ, ୧୩।୩(ପ୍ରସନ୍ନ କୁମାର ପଣ୍ଡା)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଏହାର ପ୍ରଭାବ ଭାରତରେ ପଡ଼ିଥିବା ଦେଖାଯିଛି। ବିଶେଷକରି ରନ୍ଧନ ଗ୍ୟାସ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଥିବାରୁ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମିଳୁନାହିଁ। ରାୟଗଡା ଜିଲା ବିଷମକଟକ ଓ ମୁନିଗୁଡା ବ୍ଲକ୍‌ରେ ରନ୍ଧନ ଗ୍ୟାସ୍‌ର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଘରୋଇ ରନ୍ଧନ ଗ୍ୟାସ ବୁକିଂ କରିବାର ପରଦିନ ମିଳି ଯାଉଥିବା ବେଳେ ଏବେ ବୁକିଂ କରିବାର ୧୦ ଦିନ ପରେ ମଧ୍ୟ ଠିକ ସେ ଗ୍ୟାସ ମିଳି ପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଗ୍ୟାସ୍ ବହୁ ଚଢ଼ା ଦରରେ ବିକ୍ରି ହେଉଥିବାରୁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ରାସ୍ତାକଡରେ ଥିବା ଦୋକାନୀଙ୍କ ଜୀବନ ଜିବିକା ଉପରେ ବଡ଼ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ଏହିଭଳି କି ଛୋଟ ଛୋଟ ଚାହା ଦୋକାନ ଓ ହୋଟେଲଗୁଡିକ ବନ୍ଦ ହୋଇଯାଇଛି।

ଅପରପକ୍ଷରେ ବାଣିଜ୍ୟକର ଗ୍ୟାସ୍ ମଧ୍ୟ ଆବଶ୍ୟକ ପରିମାଣରେ ମିଳୁ ନ ଥିବାରୁ ବଡ ବଡ ହୋଟେଲ ବ୍ୟବସାୟୀ ବାଧ ହୋଇ ହୋଟେଲ ବନ୍ଦ କରିଦେବାକୁ ପଡ଼ିବ ବୋଲି କହୁଛନ୍ତି। ଲାଭ ନ ମିଳିଲେ ମଧ୍ୟ ବ୍ୟବସାୟକୁ ବଞ୍ଚାଇବା ସହ କର୍ମଚାରୀଙ୍କ ଜୀବନ ଜିବିକା ବଞ୍ଚାଇ ରଖିବା ପାଇଁ ଚଢ଼ା ଦରରେ ବିକ୍ରି ହୋଇଥିବା ଗ୍ୟାସ କିଣି ହୋଟେଲ ଚଳାଇବା ପାଇଁ ପ୍ରସ୍ତୁତ ଥିଲେ ବି ପ୍ରଶାସନର ଚଡାଉ ଭୟରେ ଘରୋଇ ଗ୍ୟାସ କ୍ରୟ କରୁ ନାହୁଁ। ତେଣୁ ବାଧ ହୋଇ ଆମେ ମଧ୍ୟ ହୋଟେଲଗୁଡିକ ବନ୍ଦ କରିଦେବୁ ବୋଲି କହିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ହସ୍ତକ୍ଷେପ କରି ଗ୍ୟାସ୍ ଅଭାବ ବିକ୍ରି ସମସ୍ୟା ଦୂର କଲେ ସାଧାରଣ ଲୋକେ ଓ ବ୍ୟବସାୟୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଷମକଟକ ଯୋଗାଣ ଅଧିକାରୀ ଧିରେନ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗତ ଗୁରୁବାର ଏଚ୍‌ପି ଓ ଇଣ୍ଡେନ ଗ୍ୟାସ୍‌ର ସେଲ୍ସମ୍ୟାନମାନଙ୍କୁ ଜିଲାପାଳ ଡାକି ଏକ ବୈଠକ କରି ଆଲୋଚନା କରିଥିଲେ। ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଗ୍ୟାସ ସିଲିଣ୍ଡରର ଅସୁବିଧା ହେବନାହିଁ, ଗ୍ୟାସ ଆସିଯିବ ଗ୍ୟାସ ସେଲ୍ସମ୍ୟାନମାନେ ବୈଠକରେ ଜିଲାପାଳଙ୍କୁ କହିଛନ୍ତି। ପରବର୍ତ୍ତୀ ସମୟରେ ଯଦି ଗ୍ୟାସ ସିଲିଣ୍ଡର୍ ନ ମିଳେ ତାର ବ୍ୟବସ୍ଥା କରାଯିବ ବୋଲି ସେଲ୍ସମ୍ୟାନମାନେ କହିଥିବା ଯୋଗାଣ ଅଧିକାରୀ ଧିରେନ ସାହୁ ସୂଚନା ଦେଇଛନ୍ତି।



ଗ୍ୟାସ ସିଲିଣ୍ଡର।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ଜୟପୁର, ୧୩।୩(ପବନ ପାଣିଗ୍ରାହୀ)

ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ କୋରାପୁଟ ଜିଲା ଜୟପୁର ମହିଳା ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ମୁଣ୍ଡିଗୁଡା ନିକଟ ଓସିସି କଲୋନୀର ଜଗା ମାଝୀ(୨୧)। ପୋଲିସ ସୂଚନାନୁଯାୟୀ, ଜଗା ଇନଷ୍ଟାଗ୍ରାମ ମାଧ୍ୟମରେ ଯୁବତୀଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ ଯୁବକ ମେସେଜ ପଠାଇ ଭଲ ପାଉଥିବା ଯୁବତୀଙ୍କୁ କହିଥିଲେ। ଯୁବତୀ ମନା କରିବାରୁ ଜଗା ତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଜଗା ଯୁବତୀଙ୍କ ସହ ତାଙ୍କ ବିନା ସମ୍ମତିରେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହେବାରୁ ଜଗା ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗର୍ଭ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଯୁବତୀ ଏଥିରେ ରାଜି ହୋଇ ନ ଥିଲେ। ଯୁବକ କ୍ରୋଧରେ ତାଙ୍କୁ ନିର୍ମମ ଭାବେ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ଏହା ପରେ ଜଗା ଯୁବତୀଙ୍କୁ ନବରଙ୍ଗପୁର ମେଡିକାଲ ନେଇଥିଲେ। ଅଭିଯୁକ୍ତଙ୍କ ଭଉଣୀ ମା' ଓ ବାପା ମିଳିତ ଭାବେ ତାଙ୍କୁ ଆକ୍ରମଣ କରି ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ସେ ୩ ମାସର ଗର୍ଭବତୀ ଥିବାରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଯୁବତୀ ଅଭିଯୋଗ କରିଛନ୍ତି। ମହିଳା ଥାନାରେ ନଂ. ୧୭୯/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଆରଆଇଙ୍କୁ ମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ନନ୍ଦପୁର, ୧୩।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁଙ୍କୁ ଅଶାଳୀନ ବ୍ୟବହାର ଓ ମାଡ ମାରିବା ଘଟଣାରେ ନନ୍ଦପୁର ପୋଲିସ କମଲଲୋଚନ ଖେମୁଣ୍ଡୁଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ କମଲଲୋଚନଙ୍କ ବାପା ବଲ ଖେମୁଣ୍ଡୁଙ୍କ କ୍ୟାନ୍ସର ଜନିତ ସମସ୍ୟା ଥିବାରୁ ତାଙ୍କୁ ୪୧ ଧାରାନୁଯାୟୀ ଥାନାରେ ଜାମିନ ଦିଆଯାଇଛି। ଆରଆଇଙ୍କ ଏତଲା ଓ ସଂଗୃହୀତ ସିସିଟିଭି ଫୁଟେଜ ଆଧାରରେ ଦୁଇଜଣଙ୍କ ବିରୋଧରେ ନଂ.୩୫/୨୬ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତ୍ରିନାଥ ତୋଟା ସୂଚନା ଦେଇଛନ୍ତି।

### ବାଗ୍ରାଗୁଡ଼ାରେ ଦୀପ ମହାଯଜ୍ଞ

ଜୟପୁର, ୧୩।୩(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ବାଗ୍ରାଗୁଡ଼ା ଗ୍ରାମ ଦେବୀ ମନ୍ଦିରରେ ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ଉଦ୍ଦେଶ୍ୟରେ ଧନପୁର, ତରଗେଇ, କାଳିଆ ଗାଁ, ସିରାଗୁଡ଼ା, ତାଟିବେଡା, ଝିଲିମିଲି, ଗର୍ଡୁଗୁଡ଼ା ଆଦି ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ସମ୍ପର୍କ କରାଯାଇ ବାଗ୍ରାଗୁଡ଼ା ହୁଣ୍ଡି ମନ୍ଦିରରେ ଗ୍ରାମ ଦେବତାଙ୍କୁ ଆବାହନ କରାଯାଇଛି। ଭୂମି ପୂଜନ କରାଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରୟାଜ ସଂକଳ୍ପ ଜାତି, ଧର୍ମ,ବର୍ଣ୍ଣ,ଭାଷା,ପ୍ରାନ୍ତ ସମ୍ପ୍ରଦାୟ ନିର୍ବିଶେଷରେ ୨୫୧ ଗ୍ରାମରୁ ୧୦୦୮ ଦେବ ଦମ୍ପତିଙ୍କୁ ସଂଗଠିତ କରି ମହାଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ କରିବା ଏହାର ଉଦ୍ଦେଶ୍ୟ। ଜିଲା ଗାୟତ୍ରୀ ପରିବାର ସମନ୍ୱୟକ ରତ୍ନାମ୍ବରା ପାତ୍ର, ସପ୍ତସୂତ୍ରୀ କାର୍ଯକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, କୋରାପୁଟ ଜିଲା ବ୍ଲକ ସମନ୍ୱୟକ ଗଙ୍ଗାଧର ପାଣିଗ୍ରାହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାଉଟି ଗ୍ୟାସ୍ ପାନିକ୍ ବୁକିଂ ନ କରିବାକୁ ଜିଲାପାଳଙ୍କ ପରାମର୍ଶ

କୋରାପୁଟ, ୧୩।୩(ଅମିତାଭ ବେହେରା)



ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସୂଚନା ଦେଉଛନ୍ତି।

- ଜିଲାରେ ରହିଛି ଆବଶ୍ୟକ ପରିମାଣର ଗ୍ୟାସ୍,ପେଟ୍ରୋଲ
- କଳାବଜାର ରୋକିବାକୁ ଅନୁଧ୍ୟାନ କମିଟି ଗଠନ

କୋରାପୁଟ ଜିଲାରେ ଆବଶ୍ୟକ ପରିମାଣର ଗ୍ୟାସ ସିଲିଣ୍ଡର ଓ ପେଟ୍ରୋଲ ମହଜୁଦ ରହିଥିବା ଓ ଏଥିପାଇଁ ଜନସାଧାରଣ ବ୍ୟତିବ୍ୟସ୍ତ ନ ହେବାକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ନିବେଦନ କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାବଜାର କରୁଥିବା ବ୍ୟବସାୟୀ ଓ ଅପପ୍ରଚାର କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜିଲାରେ ରନ୍ଧନ ଗ୍ୟାସ ଆବଶ୍ୟକ ପରିମାଣରେ ମହଜୁଦ ରହିଛି। ଖାଉଟିମାନେ ପାନିକ୍ ବୁକିଂ ନ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାନୁଯାୟୀ, ଜିଲାରେ ୧୩ ଆଇଓସିଏଲ ଗ୍ୟାସ ଏଜେନ୍ସି, ଏଚପିସିଏଲ ୧୫, ବିପିସିଏଲ ୫ ମୋଟ ୩୩ ଏଜେନ୍ସି ରହିଛି। ଏଥିରେ ଏଲପିଜି ରନ୍ଧନ ଗ୍ୟାସ ୧୪.୨ କେଜି ବିଶିଷ୍ଟ ୭୦୬୮ ସିଲିଣ୍ଡର ଓ ୧୯ କେଜି ବିଶିଷ୍ଟ ୬୯୭ ସିଲିଣ୍ଡର ଗଚ୍ଛିତ ରହିଛି। ଜିଲାର ବିଭିନ୍ନ ସ୍ଥାନର ୬୬ ପେଟ୍ରୋଲ ପମ୍ପରେ ୫୬୨. ୫୫ କିଲୋଲିଟର ପେଟ୍ରୋଲ ଓ ୮୬୬. ୫୫ କିଲୋ ଲିଟର ଡିଜେଲ ମହଜୁଦ ଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଥିବା ଜିଲାପାଳ ପ୍ରକାଶ କରିଛନ୍ତି। ଏଣୁ ଖାଉଟିମାନେ ବ୍ୟସ୍ତ ନ ହେବାକୁ କହିଛନ୍ତି। ଗ୍ୟାସ କଳାବଜାରୀ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟିରେ କୋରାପୁଟ ଏସ୍‌ପି, ଅତିରିକ୍ତ ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଶିକ୍ଷାଧିକାରୀ, କୋରାପୁଟ ଓ ଜୟପୁର ଉପଜିଲାପାଳ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ, ଲିଗାଲ ମେଟ୍ରୋଲୋଜି ନିୟନ୍ତ୍ରକ ଅଧିକାରୀ ଓ ଜିଲାର ସମସ୍ତ ତୈଳ ଯୋଗାଣ କମ୍ପାନୀର ଅଧିକାରୀମାନଙ୍କୁ ରଖାଯାଇଛି। କେହି କଳାବଜାର କରିବା ନଜରକୁ ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କଳାବଜାର ସୂଚନା ମିଳିଲେ ଜିଲା ଜରୁରୀ ବିଭାଗ ପକ୍ଷରୁ ଜାରି ହୋଇଥିବା ହେଲପ ଲାଇନ ନମ୍ବର ୦୬୮୫୨-୨୫୧୧୦୧ରେ ଜଣାଇବାକୁ ଜିଲାପାଳ ସୂଚନା ଦେଇଛନ୍ତି।

## ରନ୍ଧନ ଗ୍ୟାସ୍ କଳାବଜାର ରୋକିବାକୁ କଂଗ୍ରେସର ବିକ୍ଷୋଭ

କୋରାପୁଟ, ୧୩।୩(ଅମିତାଭ ବେହେରା)



ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଉଛି।

କୋରାପୁଟ ଜିଲାରେ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ଅଚଳା ଅବସ୍ଥାକୁ ନେଇ ଜିଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ପରିଚାଳନାରେ ନେତା ଓ କର୍ମୀମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶୋଭାଯାତ୍ରା କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖାଉଟିମାନଙ୍କୁ ଲମ୍ବା ଲାଇନରେ ଗ୍ୟାସ୍, ଡିଜେଲ ଓ ପେଟ୍ରୋଲ କ୍ରୟ କରିବାକୁ ପଡୁଥିବା, ହୋଟେଲଗୁଡ଼ିକ ଗ୍ୟାସ ଅଭାବ ଯୋଗୁ ବନ୍ଦ ହୋଇ ଯାଉଥିବା ସଭାପତି ତୁରୁକ ଅଭିଯୋଗ କରିଛନ୍ତି। ଜିଲାରେ କଳାବଜାର ରୋକିବାକୁ କଂଗ୍ରେସ ଜିଲା ପ୍ରଶାସନ ନିକଟରେ ଦାବି କରିଛି। ମହିଳା କଂଗ୍ରେସ ନେତ୍ରୀ ଖାଲି ଗ୍ୟାସ ସିଲିଣ୍ଡର ମୁଣ୍ଡରେ ଧରି ରାଲି କରୁଥିବା ଦେଖିବାକୁ ମିଳିଛି। କଂଗ୍ରେସ ନେତା ଓ କର୍ମୀମାନେ ଏକ ପ୍ରତିବାଦ ସଭାରେ ଯୋଗଦେଇଥିଲେ। ଏଥିରେ ପୂର୍ବତନ ବିଧାୟକ ନିମାଇଁ ସରକାର, କୃଷ୍ଣ କୁଲଦୀପ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଅନାମ ଦିଆନ,କାଉନସିଲର ଚନ୍ଦ୍ରପ୍ରଭା ହିଆଲ, ସନ୍ଧ୍ୟାରାଣୀ ଜେନା, ଜୟପୁର କାଉନସିଲର ପ୍ରଣବ କିଶୋର ନାୟକ, କୋରାପୁଟ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ, ଟାଉନ ସଭାପତି ଜୟନ୍ତ କଟିମ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସେମିନାର

କୋରାପୁଟ, ୧୩।୩(ଅମିତାଭ ବେହେରା)

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସୁୟୁଓ)ରେ ପ୍ଲାନେଟ ଆଜ ପଲିଟିକୋଲ କ୍ଲାଇମେଟ ଅଫ ହିଷ୍ଟୋରି ଏଣ୍ଡ ଭିକ୍ସିତ୍ ଭାରତ ଶୀର୍ଷକରେ ଏକ ସେମିନାର ଶୁକ୍ରବାର ଆୟୋଜିତ ହୋଇଛି। ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରିସର୍ଚ୍ଚ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ



ଜଳବାୟୁ ପରିବର୍ତ୍ତନ, ଚିରସ୍ଥାୟୀ ଉନ୍ନତି ଓ ଭାରତର ବିକାଶ ଦୃଷ୍ଟିକୋଣ ଉପରେ ଶିକ୍ଷାବିତ୍ ଓ ବୈଜ୍ଞାନିକମାନେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନରସିଂହ ଚରଣ ପଣ୍ଡା କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଭିକ୍ସିତ ଭାରତ-୨୦୪୭ ଲକ୍ଷ୍ୟ ପୂରଣ ପାଇଁ ଜଳବାୟୁ ସମସ୍ୟାର ସମାଧାନ ସହ ଚିରସ୍ଥାୟୀ ଉନ୍ନତିକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ସେମିନାରରେ ମୁଖ୍ୟବକ୍ତା ଦିପେଶ ଚକ୍ରବର୍ତ୍ତୀ, ଚଣ୍ଡୀ ପ୍ରସାଦ ନନ୍ଦ, ସମ୍ବିତ କୁମାର ତ୍ରିପାଠୀ, ଅମରେନ୍ଦ୍ର ନାରାୟଣ ମିଶ୍ର ଓ ଅଭିରାଜ ଦତ୍ତ ପ୍ରମୁଖ ପରିବେଶ ସୁରକ୍ଷା, କୃଷି ଓ ଚିରସ୍ଥାୟୀ ଜୀବିକା ନେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ସେମିନାର ସଂଯୋଜକ ଜୟନ୍ତ କୁମାର ନାୟକ ଓ ସହ-ସଂଯୋଜକ ଦେବବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେମିନାରରେ ବିଶ୍ୱବିଦ୍ୟାଳୟ ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇଥିଲେ।

## ଗଣ୍ଡଗୋଳ ଘଟଣାରେ ୩ କୋର୍ଟ ଚାଲାଣ

ବେଲଗୁଣ୍ଠା, ୧୩।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ସିନେମା ହଲ୍ ଛକରେ ଗଣ୍ଡଗୋଳ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗତ ୧୧ ତାରିଖରେ କୋଳି ସାହିର ଚନ୍ଦ୍ରଶେଖର ପାତ୍ର ସିନେମା ହଲ୍ ଛକର କୁନା ବେହେରାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ୧୨ ତାରିଖରେ ପୁଣି ଥରେ ଉତ୍ତେଜନା ପ୍ରକାଶ ପାଇଥିଲା। କୁନା, ତାଙ୍କ ସ୍ତ୍ରୀ ପ୍ରମିଳା ଏବଂ ପୁଅ ମିଶି ଚନ୍ଦ୍ରଶେଖରଙ୍କୁ ଇଟାରେ ଆକ୍ରମଣ କରିଥିଲେ। ଚନ୍ଦ୍ରଶେଖର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୯୪/୨୬ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ କୁନାଙ୍କ ପାଲଟା ଅଭିଯୋଗ କ୍ରମେ ନଂ.୯୫/୨୬ରେ ମାମଲା ରୁଜୁ କରି ଚନ୍ଦ୍ରଶେଖଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି।

## ବାସକୀ ନଦୀ ଉପରେ ପୋଲ ନିର୍ମାଣକୁ ମଞ୍ଜୁରୀ

### ପ୍ରତିଶ୍ରୁତି ରଖିଲା ଜିଲା ପ୍ରଶାସନ

ନନ୍ଦପୁର, ୧୩।୩(ତୁଷାର କାନ୍ତ ମହାନ୍ତି)



ଗ୍ରାମବାସୀ ଖୁସି ଜଣାଉଛନ୍ତି।

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ନନ୍ଦପୁର ବ୍ଲକ ପରିଦର୍ଶନ କରି ରାଇସିଂ ପଞ୍ଚାୟତ ଦେବଷଣ୍ଢଗୁଡା ଗ୍ରାମବାସୀଙ୍କୁ ଗାଁ ଆଗରେ ପ୍ରବାହିତ ବାସକୀ ନଦୀ ଉପରେ ଏକ ପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ପ୍ରସ୍ତାବ ମୁତାବକ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ୨୦୨୬-୨୭ ସେତୁ ବନ୍ଧନ ଯୋଜନାରେ ସାମିଲ କରି ଏହି ନଦୀ ଉପରେ ୬୦ ମିଟର ଲମ୍ବର ପୋଲ ନିର୍ମାଣ ପାଇଁ ମଞ୍ଜୁରୀ କରିଛନ୍ତି। ବିଭାଗୀୟ ସ୍ୱତନ୍ତ୍ର ସଚିବ ସର୍ବେଶ୍ୱର ସିଂଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୮୫୪୧୬୦୦୫୫୨୦୨୬/ଆରଡି ତା. ୧୨।୩।୨୦୨୬ ରେ ରାଜ୍ୟର ୫୬ ସେତୁ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଚିଠିର ୩୮ ନଂ କ୍ରମାଙ୍କରେ ବାସକୀ ନଦୀ ଉପରେ ପୋଲ ନିର୍ମାଣ ନେଇ ମଞ୍ଜୁରିନାମା ମିଳିଥିବା ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ନିର୍ମାଣକାରୀ ସଂସ୍ଥା ସୁନାବେଡା ଆରଡି ଡିଭିଜନ ଯନ୍ତ୍ରୀ ଜୟନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପୋଲ ନିର୍ମାଣ ହେବା ପରେ କସନ୍ଦି-ବିଲାପୁଟ ଭାୟା ଦେଷଣ୍ଢଗୁଡା ପକ୍କା ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି। ଏହା ଶୁଣି ଦେବଷଣ୍ଢଗୁଡାର ସଦା ଖରା, ପୂର୍ଣ୍ଣ ଖରା, ସୁରେନ୍ଦ୍ର ଖରା, ଧବୁଲୁ ପାଙ୍ଗୀ, ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ଚେଟି, ସମିତିସଭ୍ୟ ବବି ଖିଲ ଓ ଲକ୍ଷ୍ମଣ ଖରା ଖୁସିବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ବିଧାନସଭା ନିର୍ବାଚନ ବେଳେ ପୋଲ ଓ ରାସ୍ତା ନିର୍ମାଣ ଦାବି କରି ଗ୍ରାମର ୯୫ ଭୋଟର ଭୋଟ ବର୍ଜନ କରିଥିଲେ। ପୋଲ ନିର୍ମାଣ ହେଲେ ବାସକୀ ନଦୀ ପାର ହେବାକୁ ଆଉ ଗ୍ରାମର ମହିଳା,ପୁରୁଷ ଓ ଛାତ୍ରୀଛାତ୍ରଙ୍କ ମାନବ ଶୃଙ୍ଖଳ ଲାଗିବନି ବୋଲି ମତ ପ୍ରକାଶ କରିଛନ୍ତି।

## ସୁନାଗହଣା ଚୋରି ମାମଲା: ୩ ଗିରଫ

ବୋରିଗୁମ୍ମା, ୧୩।୩(ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ପୋଲିସ ପ୍ରାୟ ୩ ମାସ ତଳେ ସୁନାଗହଣା ଚୋରି ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନଙ୍କଠାରୁ ୨ ଲକ୍ଷ ୫୦ ହଜାର ଟଙ୍କା, ଏକ ବାଇକ ଓ ଲୁହାରଡ ଜବତ କରାଯାଇଥିବା ଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ବାଗ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କୋରାପୁଟ ସହର ଷ୍ଟାଡିୟମ କଲୋନୀର ଚନ୍ଦନ ବୁଦେଇ(୨୩), ଜୟପୁର ସହର ଓଡ଼ିଆ ମେଦିରି ସାହିର ଅଜୟ ଓରଫ ରିଙ୍କୁ ନାୟକ(୩୦) ଓ ଜୟପୁର ଚନ୍ଦନବାଡ଼ ସାହିର ସୁନାରୀ ଏମ୍.ଶିବା(୪୫)।

ସୂଚନାନୁଯାୟୀ, ୨୦।୧୨।୨୫ରେ ନବରଙ୍ଗପୁର ରୋଡର ବିନାୟକ ପାଢ଼ୀଙ୍କ ପରିବାର ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୋଟ ୯୫ ଗ୍ରାମ ସୁନାଗହଣା ଓ ୨ ଲକ୍ଷ ଟଙ୍କା ଚୋରି କରିଥିଲେ। ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଏ ନେଇ ଅଭିଯୋଗକାରୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ। କୋରାପୁଟ ଏସ୍‌ପି ଜୟପୁର ଓ ବୋରିଗୁମ୍ମା ଥାନାର ପୋଲିସ ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ଦୁର୍ବୃତ୍ତମାନେ ସୁନାଗହଣା ଚୋରି କରି ଜୟପୁରର ବଣିଆ ଏମ୍.ଶିବାଙ୍କୁ ଦେଇଥିଲେ। ଶିବାଙ୍କଠାରୁ ୨ଲକ୍ଷ ୫୦ ହଜାର ଜବତ କରାଯାଇଛି। ଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ବାଗ, ଏଏସ୍‌ଆଇ ବସନ୍ତ କୁମାର ନାଗ ଉପସ୍ଥିତ ଥିଲେ।

## ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

### ପଥରକ୍ୱାରୀ ଖନନକୁ ବିରୋଧ

କୁନ୍ଦୁରା, ୧୩।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ରାଣୀଗୁଡ଼ା ପଞ୍ଚାୟତ ଆଟିଗାଁ ଓ ନୂଆଗୁଡ଼ାର ଶତାଧିକ ଲୋକ ପଥରକ୍ୱାରୀ ଖନନ ଅନୁମତିକୁ ବିରୋଧ କରି ତହସିଲଦାର ବିନୋଦ କୁମାର ନାଏକଙ୍କୁ ଭେଟି ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଏହି ୨ ଗାଁର ୧୦୦ ମିଟର ଦୂରରେ ବଡ଼ାଡଙ୍ଗ୍ରୀ ପର୍ବତ ରହିଛି। ଜଙ୍ଗଲକୁ ଲାଗି ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଓ ରାସ୍ତା ରହିଛି। ପଥର ଖନନ ହେଲେ ଜଙ୍ଗଲ କ୍ଷୟ, ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି ହେବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ପାଣି ଟାଙ୍କି ନଷ୍ଟ ହେବ। ୨ ଗାଁର ପ୍ରାୟ ଦେଢ଼ଶହରୁ ୨ଶହ ଘର ପ୍ରଭାବିତ ହେବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପ୍ରତି ବିପଦ ହେବ ବୋଲି କୁହାଯାଇଛି। ୧୦ ତଳେ ଏଠାରେ ପଥର ଖନନ କରାଯାଉଥିବା ବେଳେ ବର୍ଷେ ପାଇଁ ଲିଜ ଦିଆଯାଇଥିଲା। ଜିଲାପାଳ, କୋଟପାଡ଼ ବନାଞ୍ଚଳ ଅଧିକାରୀ, କୁନ୍ଦୁରା ତହସିଲଦାର ଓ ଥାନାରେ ଅଭିଯୋଗ ପରେ ବନ୍ଦ କରାଯାଇଥିଲା। ଲିଜ୍ ଅନୁଯାୟୀ ପଲ୍ଲିସଭା ଓ ଗ୍ରାମସଭା ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ୱାର୍ଡସଭ୍ୟ ଡମ୍ବରୁଧର ଭତରା, ସାମପତି ହରିଜନ, ଅନାମ ରନ୍ଧାରୀ, ମଦନ ଭତରା, ପର୍ଶୁ ଭତରା ଓ ମଦନ ପୂଜାରୀ ତହସିଲଦାରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିସହ ବିଡିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

## କାମ ନ କରି ଉଠାଯାଇଛି ୩ ପ୍ରକଳ୍ପର ଟଙ୍କା



ଶିବିରରେ ଉପସ୍ଥିତ ଅଧିକାରୀ ସମୀକ୍ଷା କରୁଛନ୍ତି ।

### ଭିବି ଜି ରାମଜି, ସମଗ୍ର ଶିକ୍ଷା ଯୋଜନାର ସାମାଜିକ ସମୀକ୍ଷା ଶିବିର

ନନ୍ଦପୁର, ୧୩।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧୀନ ୨୩ ପଞ୍ଚାୟତର ଭିବିଜିରାମଜି(ଏମ୍‌ଜିଏନ୍‌ଆରଇଜିଏସ୍)ରେ କରାଯାଇଥିବା କାର୍ଯ୍ୟ ଓ ବିଦ୍ୟାଳୟଗୁଡ଼ିକରେ ସମଗ୍ର ଶିକ୍ଷା ଯୋଜନା ପାଣ୍ଠି ବିନିଯୋଗର ସାମାଜିକ ସମୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ବ୍ଲକରେ ନିଯୁକ୍ତ ସାମାଜିକ ସମୀକ୍ଷକ ରଘୁରାମ ବାଙ୍କା ଓ ବିଆରପିମାନଙ୍କ ଦ୍ୱାରା ୨୩ ପଞ୍ଚାୟତର ୨୧୦ ଭିବି ରାମଜି କାର୍ଯ୍ୟ ଓ ୩୨ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ପାଣ୍ଠି ବିନିଯୋଗର ସମୀକ୍ଷା ରିପୋର୍ଟ ପ୍ରଦର୍ଶନ କରାଯାଇଛି। ରିପୋର୍ଟରେ ୧୧ ଭିବି ରାମଜି କାର୍ଯ୍ୟରେ ମୋଟ ୨୭୨୧୪୫ ଟଙ୍କାର ଜିଏସ୍‌ଟି ଦେୟ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ବ୍ଲକରେ କାର୍ଯ୍ୟରତ ସହଯୋଗୀ ବିଭାଗ ଆଇଟିଡିଏ ଦ୍ୱାରା ୨ ପ୍ରକଳ୍ପ କାର୍ଯ୍ୟ କରାନଯାଇ ୩୫୫୬୭୨ ଟଙ୍କା ପ୍ରଦାନ କରାଯାଇଛି। ନନ୍ଦପୁର ଜଳଛାୟା ପ୍ରକଳ୍ପ ଦ୍ୱାରା ବାଡେଲ ପଞ୍ଚାୟତ ଚାରାରୋପଣ କରା ନ ଯାଇ ୨୭୧୩୭୨ ଟଙ୍କା ଉଠାଯାଇଥିବା ଜଣାପଡ଼ିଛି। ସେହିପରି ୩୨ ସ୍କୁଲର ସମୀକ୍ଷା ବେଳେ କ୍ୱାଲିଟି ଏଜୁକେଶନ ଦିଆଯାଉ ନ ଥିବା, ଖେଳପଡିଆ, ଶୌଚାଳୟ, ପାନୀୟଜଳ, ଶ୍ରେଣୀଗୃହ ବ୍ୟବସ୍ଥା ନ ଥିବା ପରିଲକ୍ଷିତ ହୋଇଛି। ବାଡେଲ ପଞ୍ଚାୟତସ୍ଥିତ ଖମରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସମୀକ୍ଷା ଦିନ ୧୫ ଛାତ୍ରୀଛାତ୍ର ଓ ନନ୍ଦପୁର ବ୍ଲକ ସଦର ମହକୁମା ବାହିରିପଡ଼ା ପିୟୁପିଏସ ସ୍କୁଲରେ ୧୦ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଆଟେଣ୍ଡାଣ୍ଟ ରେଜିଷ୍ଟରରେ କର୍ତ୍ତୃପକ୍ଷ ଉପସ୍ଥିତ ଦର୍ଶାଇଥିବା ଜିଲା ସାମାଜିକ ସମୀକ୍ଷକ ମହାରଣା ସୂଚନା ଦେଇଛନ୍ତି। ପ୍ରକଳ୍ପଗୁଡ଼ିକର ତଦାରଖ କରୁଥିବା ଯନ୍ତ୍ରୀମାନଙ୍କୁ ଜିଏସ୍‌ଟି ଦେୟ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ପ୍ରକଳ୍ପ କାମ ନ କରି ଟଙ୍କା ଉଠାଇଥିବା ୨ ବିଭାଗ ସମ୍ପର୍କରେ ଜିଲାପାଳ ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇ ନିର୍ଦ୍ଦେଶ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଜିଲା ଶିକ୍ଷାଧିକାରୀ ଓ ଡିପିଇପି ପ୍ରକଳ୍ପ ସଂଯୋଜକଙ୍କୁ ବିଦ୍ୟାଳୟ ଭିତ୍ତିଭୂମି ଓ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ନେଇ ଅବଗତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଶିବିରରେ ୨୩ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ପିଇଓ, ଜିଇଓ, ଯନ୍ତ୍ରୀ, ୩୨ ବିଦ୍ୟାଳୟ କର୍ତ୍ତୃପକ୍ଷ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନଗେନ ତ୍ରିପାଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, ଏପିଓ ସୌମେନ୍ଦ୍ର ନାୟକ, ବିଆରପି ଓ ଗ୍ରାମସାଥୀମାନେ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ରଘୁରାମ ବାଙ୍କା ଶିବିର ପରିଚାଳନା କରିଥିଲେ।

## ସେରୁବନ୍ଧ ଖଣି ଲିଜ୍ ବାତିଲ କରିବାକୁ ଦାବି

### ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ, ୧୩।୩(ଅମିତାଭ ବେହେରା)

କୋରାପୁଟ ଜିଲାର ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ଅଞ୍ଚଳରେ ସେରୁବନ୍ଧ ଖଣି ଖନନ ପାଇଁ ନାଲ୍‌କୋ ସହ ହୋଇଥିବା ଚୁକ୍ତି ବାତିଲ କରିବାକୁ ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ପଟ୍ଟାଙ୍ଗି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ନୂଆଗାଁ ସରପଞ୍ଚଙ୍କ ନେତୃତ୍ୱରେ ସେରୁବନ୍ଧ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଖଣି ଖନନ ପାଇଁ ନାଲକୋ କମ୍ପାନୀକୁ ଦିଆଯାଇଥିବା ଲିଜ୍‌କୁ ତୁରନ୍ତ ବାତିଲ କରିବାକୁ ଦାବି କରିଛନ୍ତି। ସେମିଳିଗୁଡା ବ୍ଲକର ସରିସପଦର, ଖୁଡି ଓ ପଟ୍ଟାଙ୍ଗୀ ବ୍ଲକ୍‌ର ନୂଆଗାଁ, ମାଳିପୁଟ ଓ କୋଟିଆ ପଞ୍ଚାୟତକୁ ନେଇ ସେରୁବନ୍ଧ ରହିଛି। ସେରୁବନ୍ଧକୁ ରାସ୍ତା ନିର୍ମାଣ କରୁଥିବା କମ୍ପାନୀର କେତେଜଣ ବ୍ୟକ୍ତି ଗ୍ରାମବାସୀଙ୍କୁ ଧମକ ଦେବା ସହ ଅଞ୍ଚଳରେ ଅରାଜକତା ସୃଷ୍ଟି କରୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିଯୋଗୁ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଥିବା କୁହାଯାଇଛି। ଖଣି ଖନନ ଯୋଗୁ ଏହି ଅଞ୍ଚଳରେ ହଜାର ହଜାର ଚାଷୀ ପ୍ରଭାବିତ ହେବା ସହ ସେମାନଙ୍କ ଜମିକୁ ଝରଣା ପାଣି ବନ୍ଦ ହୋଇଯିବ। ଏଥିପାଇଁ ପୂର୍ବରୁ କରାଯାଇଥିବା ୯ଥର ଗ୍ରାମସଭା ପୋଲିସ ଚାପରେ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଇଚ୍ଛା ବିରୋଧରେ ହୋଇଥିବାରୁ ଏହି ଲିଜ୍‌କୁ ବାତିଲ କରିବାକୁ ଦାବି କରାଯାଇଛି।



ଦାବିପତ୍ର ଦେବାକୁ ଆସିଥିବା ସେରୁବନ୍ଧ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ।

## ଜିଲାର ୬୮,୮୦୭ ଚାଷୀଙ୍କୁ ୧୩,୭୬,୧୪,୦୦୦ ଟଙ୍କାର କିସ୍ତି ପ୍ରଦାନ

### ପିଏମ୍ କିଷାନ ଯୋଜନା

କୋରାପୁଟ, ୧୩।୩(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

କୋରାପୁଟ ସଦ୍‌ଭାବନା ସଭାଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆସାମର ଗୌହାଟୀରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ ଉନ୍ମୋଚନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ ବେହେରା, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଲକ୍ଷ୍ମୀଧର ବେହେରା, କୃଷି ଜିଲା ଅଧିକାରୀ ସ୍ୱପନିଲ ପାତ୍ର, କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶତାଧିକ କୃଷକଙ୍କୁ ଉତ୍ସାହିତ କରିଥିଲେ। ଜିଲାର ମୋଟ ୬୮୮୦୭ ହିତାଧିକାରୀଙ୍କୁ ୧୩ କୋଟି ୭୬ ଲକ୍ଷ ୧୪ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ବନ୍ଧୁଗାଁ ବ୍ଲକର ୩୮୭୧ ଚାଷୀଙ୍କ ଖାତାକୁ ୭୭ ଲକ୍ଷ ୪୨ହଜାର ଟଙ୍କା, ବୈପାରିଗୁଡାର ୫୩୩୮ ଚାଷୀଙ୍କ ୧ କୋଟି ୬୭ ଲକ୍ଷ ୬ ହଜାର, ବୋରିଗୁମା ବ୍ଲକର ୭୩୧୧ ଜଣ ଚାଷୀଙ୍କୁ ୧ କୋଟି ୪୬ ଲକ୍ଷ ୨୨ହଜାର, ଦଶମନ୍ତପୁର ବ୍ଲକର ୫୧୯୦ ଜଣଙ୍କୁ ୧ କୋଟି ୩୮ ଲକ୍ଷ, ଜୟପୁର ବ୍ଲକର ୩୧୪୫ ଚାଷୀଙ୍କୁ ୬୨ ଲକ୍ଷ ୯୦ ହଜାର, କୋରାପୁଟ ବ୍ଲକ ୪୨୭୮ ଚାଷୀଙ୍କୁ ୮୫ ଲକ୍ଷ ୫୬ ହଜାର, କୋଟପାଡ଼ ବ୍ଲକର ୭୩୭୬ ଚାଷୀଙ୍କୁ ୧କୋଟି ୪୭ ଲକ୍ଷ ୫୨ ହଜାର, କୁନ୍ଦୁରା ବ୍ଲକର ୨୯୯୧ ଜଣଙ୍କୁ ୫୯ ଲକ୍ଷ ୮୨ ହଜାର, ଲମତାପୁଟ ବ୍ଲକର ୬୧୭୧ ଜଣଙ୍କୁ ୧କୋଟି ୨୩ ଲକ୍ଷ ୪୨ ହଜାର, ଲକ୍ଷ୍ମୀପୁର ବ୍ଲକର ୪୪୨୧ ଜଣଙ୍କୁ ୮୮ ଲକ୍ଷ ୪୨ ହଜାର, ନନ୍ଦପୁର ବ୍ଲକର ୬ ହଜାର ୪୩ ଜଣଙ୍କୁ ୧ କୋଟି ୨୦ ଲକ୍ଷ ୮୬ ହଜାର, ନାରାୟଣପାଟଣା ବ୍ଲକର ୨୫୫୪ ଜଣଙ୍କ ୫୧ଲକ୍ଷ ୮ ହଜାର, ପଟ୍ଟାଙ୍ଗି ବ୍ଲକର ୩୬୧୮ ଜଣଙ୍କୁ ୭୨ ଲକ୍ଷ ୩୬ ହଜାର, ସେମିଳିଗୁଡା ବ୍ଲକର ୬ହଜାର ୫ଶହ ଚାଷୀଙ୍କୁ ୧କୋଟି ୩୦ ଲକ୍ଷ ଟଙ୍କାର କିସ୍ତି ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

